## ସମ୍ପାଦକୀୟ

ଆମର ଗନ୍ତବ୍ୟ ଈଶ୍ୱରପ୍ରାପ୍ତି । କିନ୍ତୁ ଅଧିକାଂଶ ବ୍ୟକ୍ତି ଧନ-ଜନ-ଗୋପ-ଲକ୍ଷ୍ମୀ, ଅସୁବିଧାର ସୁବିଧା, ଅଭାବ ମୋଚନ, କଠିନତାରୁ ସହଜତା ଇତ୍ୟାଦି ପ୍ରାପ୍ତି ପାଇଁ ଭଗବାନଙ୍କୁ ଡ଼ାକିଥା'ନ୍ତି । ଡ଼ାକି ଡ଼ାକି ଥକିଯା'ନ୍ତି । କିଛିହିଁ ମିଳିବ ଏ ଆଶାରେ ମଧ ଚାହିଁ ଚାହିଁ ଆଖିରୁ ପାଣି ମରିଯାଏ । କିନ୍ତୁ କିଛି ପାଆନ୍ତିନି । ଅଭାବ ମେଣ୍ଟେନି । ତଥାପି ଚାହିଁବା, ଅଭାବ-ଅଭିଯୋଗର ଇତି ହୁଏନା । କାହିଁକି ମିଳେନା ? ଭଗବାନଙ୍କ ଦୟାରୁ ନିଜର ଚାହିଦା କାହିଁକି ମେଣ୍ଟେନା ? ଅଭାବ କାହିଁକି ଘୁଞ୍ଚେନା ?— ଏହା ଏକ ସାର୍ବକାଳିକ ପ୍ରଶ୍ନ । ମାନବ ଯେଉଁଦିନଠାରୁ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କଲାଣି ସେହିଦିନଠାରୁ ତା'ର ଏହି ଅଭିଯୋଗ ଈଶ୍ୱରଙ୍କ ନିକଟରେ ରହି ଆସିଛି । କିନ୍ତୁ କାହିଁକି ମେଣ୍ଟେନା ? ଏହାର କାରଣ ଖୋଜୁଥିବା ତଥାକଥିତ ଅଧ୍ୟାତ୍ମ୍ୟବାଦୀମାନେ କହିଥା'ନ୍ତି, ଈଶ୍ୱରଙ୍କ ଦୟା ହୋଇନି ଏଣୁ ମିଳୁନି । ଈଶ୍ୱରଙ୍କ ଦୟା ହେବ କିପରି ତାହାର କିନ୍ତୁ ସଠିକ ମାର୍ଗ କେହି ଦେଖାଇ ଦେଇ ପାରନ୍ତି ନାହିଁ ।

ଏହି ପରିପ୍ରେକ୍ଷୀରେ ଏକ ସୁନ୍ଦର ସମାଧାନ ପ୍ରଦତ୍ତ ହୋଇଛି ପୁରୁଷୋତ୍ତମଙ୍କ ଭାବାଦର୍ଶରେ—

ଚାହିଁ ଚାହିଁ ହଇରାଣ ହେଲ—
କିନ୍ତୁ ପାଇଲନି କିଛି,
ଆଉ, ଯାହା ପାଇଲ
ସେଥିରେ ତୁମର ଅଭାବ ମେଣ୍ଟିଲାନି,
ତା'ର ମାନେ, ତୁମର ଭାବ-ପ୍ରତୀକ ଯିଏ,
ଉତ୍ସାରଣୀ ଅନୁଦୀପନାରେ
ତୁମର ପ୍ରୀତି-ଅବଦାନ
ତାଙ୍କୁ ଫୁଲ୍ଲ କରି ତୋଳିନି,
ତୁମେ ତାଙ୍କର ହୋଇ ନାହଁ,
ଅର୍ଥାତ୍ ତୁମେ ତାଙ୍କର ଏକଚାଟିଆ ସ୍ୱାର୍ଥ ହୋଇ ଉଠିନ,
ତାଙ୍କ ସ୍ୱାର୍ଥ ହିଁ ମୁଖ୍ୟ ହୋଇ ଉଠିନି ତୁମ ଜୀବନରେ,
ତୁମର ବ୍ୟକ୍ତିତ୍ୱକୁ ସ୍ୱତଃ-ଉତ୍ସାରଣାରେ
ତାଙ୍କଠାରେ ସାର୍ଥକ ହେବାର ପ୍ରଲୋଭନରେ
ଚୟନ-ନିରତ କରି ତୋଳିନ;
ତେଣୁ, ତାଙ୍କ ନିକଟରେ ଥାଇ ବି
ତାଙ୍କର ଶତ ଚେଷ୍ଟା ସତ୍ତ୍ୱେବି
ତୁମର ପ୍ରାପ୍ତି ଉଚ୍ଛଳ ହୋଇ ଉଠୁନାହିଁ;
ତେଣୁ, ପାଇବାକୁ ଯଦି ଚାହଁ,
ଦିଅ—
ସ୍ୱତଃ-ଉତ୍ସାରଣୀ ତନ୍ମୁଖୀ ଅନୁଧାୟିତା ନେଇ,
ତୁମର ଚୟନୀ ପ୍ରଚେଷ୍ଟାର ସାଧରେ ଯାହା କୁଳାଏ
ଯେପରିଭାବେ;
ଏହି ଅବଦାନ ପାଇବାକୁ ବଢ଼ାଇତୋଳେ,
ଅବଶ୍ୟ ପ୍ରତ୍ୟାଶାପୀଡ଼ିତ ଅବଦାନ
ଅବଦାନହିଁ ନୁହେଁ,
ତା' ବରଂ ବଞ୍ଚନାର ହିଁ ସଞ୍ଚିତ ରୌରବ-କ୍ଷେତ୍ର;
ଈଶ୍ୱର ପରମ-ସାର୍ଥକତା,
ତାଙ୍କଠାରେ ଆତ୍ମବିନାୟନୀ ଉତ୍ସର୍ଗ
ସ୍ୱର୍ଗରହିଁ ଶୁଭ ସଂକ୍ରମଣ ।

*(ଆର୍ଯ୍ୟ-ପ୍ରାତିମୋକ୍ଷ-୫୧୦୨)*

ଅଭାବ : ନ ଭାବ । ଭାବ ନଥିଲେ ଅଭାବ ଆସେ । ଭାବ ମାନେ ହୋଇଉଠିବା । ଭାବର ପ୍ରତୀକ ଯିଏ ସେଇ ସ୍ୱୟଂ ଇଷ୍ଟ-ପୁରୁଷୋତ୍ତମଙ୍କର ଏକାନ୍ତ ଆପଣାର ହୋଇ ନ ଉଠିଲେ ଅଭାବ ଘୁଞ୍ଚେନା । କେବଳ ତାଙ୍କରି ଆଉ କାହାର ନୁହେଁ— ଏପରି ହେବାକୁ ହେବ । ନିଜର ସ୍ୱାର୍ଥ ନୁହେଁ ବରଂ ଇଷ୍ଟଙ୍କ ସ୍ୱାର୍ଥ ହିଁ ମୁଖ୍ୟ— ଏପରିଭାବେ ଭାବିବା ଓ କାର୍ଯ୍ୟକାରିତାରେ ଦେଖାଇ ଦେବାକୁ ହେବ । ତେବେ ଯାଇ ତାଙ୍କଠାରୁ ସବୁକିଛି ମିଳିବ । ଏହା ନ ହେଲେ ତାଙ୍କ ନିକଟରେ ଯେତେ ରୁହନା କାହିଁକି ତାଙ୍କର ଶତ ଚେଷ୍ଟା ସତ୍ତ୍ୱେବି ଆମର ପ୍ରାପ୍ତି କଦାପି ଉଚ୍ଛଳ ହୋଇଉଠିବ ନାହିଁ । ପୁନଶ୍ଚ ତାଙ୍କୁ ଦେବାକୁ ହେବ ନିଃସ୍ୱାର୍ଥପରଭାବେ । ତାଙ୍କଠାରେ ଅପ୍ରତ୍ୟାଶୀ ଅବଦାନ ହିଁ ଆମର ପାଇବାର ପଥ ପ୍ରଶସ୍ତ କରିବ । ପ୍ରତ୍ୟାଶା ରଖି ତାଙ୍କୁ ଦେଲେ ତାହା ଆମକୁ ବଞ୍ଚନାରେ ଅର୍ଥାତ୍ ଠକାମିରେ ବିଧ୍ୱସ୍ତ କରିବ । ସୁତରାଂ ଅପ୍ରତ୍ୟାଶୀ ହୋଇ ସ୍ୱତଃସ୍ଫୁର୍ତ୍ତତାର ସହିତ ତାଙ୍କ ଇଚ୍ଛା ମୁତାବିକ ହୋଇଉଠିବା, ତାଙ୍କରିହିଁ କେବଳ ଆଉ କାହାର ନୁହେଁ ଏପରିଭାବେ ନିଜକୁ ପ୍ରସ୍ତୁତ କରିବା, ତାଙ୍କ ପାଇଁ ଉଜାଡ଼ କରି ଦେଇଦେବା— ଏଇ କେତୋଟି କଥା ଯଦି ଜଣେ ସକ୍ରିୟତାର ସହିତ, ଶ୍ରଦ୍ଧାର ସହିତ ଆଚରଣ କରିଚାଲେ ତେବେ ତା'ର ଅଭାବ ବୋଲି କିଛି ରହିବ ନାହିଁ । ଚାହିଁ ଚାହିଁ ହଇରାଣ ହେବାକୁ ପଡ଼ିବ ନାହିଁ । କିଛି ପାଇଲାନି ବୋଲି ଅବଶୋଷ ମଧ କରିବାକୁ ହେବନି । ବରଂ ପ୍ରାପ୍ତିର ଉଚ୍ଛଳତାରେ ସେ ଉଚ୍ଛୁଳି ପଡ଼ିବ । ଏହା ଧ୍ରୁବ ସତ୍ୟ । ପୁରୁଷୋତ୍ତମଙ୍କ ନିଦେଶ ଅକ୍ଷରେ ଅକ୍ଷରେ ସତ୍ୟ । କେବଳ କରି ଦେଖିବାର ଅଛି । ନିଜେ ଆଚାର ଆଚରଣରେ ଫୁଟାଇ ତୋଳିଲେ ସବୁ ପ୍ରକାର ପ୍ରାପ୍ତି ପ୍ରଭୂତଭାବେ ଉଚ୍ଛଳତାରେ ଭରିଦେବ । ତେବେ ଏହାର ଅନ୍ତରାଳରେ କୌଣସି ସ୍ୱାର୍ଥ-ପ୍ରତ୍ୟାଶା ଯେପରି ନ ରହେ । ଅଭାବ ମୋଚନର ଏବଂ ସବୁକିଛି ପ୍ରାପ୍ତିର ଏହାହିଁ ସବୁଠାରୁ ସହଜ ଓ ସ୍ୱାଭାବିକ ପଥ ।

*– ବନ୍ଦେ ପୁରୁଷୋତ୍ତମମ୍*

Published and Printed by Sankar Sensarma on behalf of Satsang, P.o.- Satsang, Dist.- Deoghar, Jharakhanda and Printed at Ananda Printers, Chandi Chhaka, Cuttack-1 (Odisha).